Click Here & Upgrade
Expanded Features
Unlimited Pages
PDF Complete

ଓଡ଼ିଶାର ବନ୍ୟପ୍ରାଣୀ ଓ ଭବିଷ୍ୟତ

ଡକ୍ଟର ପ୍ରଫୁଲ୍ଲ କୁମାର ମହାନ୍ତି

ବିଚିତ୍ର ଗ୍ରହ ଓ ଜୀବନ

ସୌର ପରିବାରରେ ନଅଟି ଗ୍ରହ କଥା ପ୍ରାୟ ସମସ୍ତେ ଜାଣନ୍ତି । ଏବେ ପୁଣି ଏକ ନୂତନ ଗ୍ରହ ବା ଦଶମ ଗ୍ରହ (Tenth Planet)କୁ ଆବିଷ୍କାର କରାଯାଇ ଏ ପରିବାରରେ ସାମିଲ କରାଯାଇଛି । ଏ ଯେତେଗୋଟି ଗ୍ରହ ଅଛନ୍ତି, ସେଥିମଧ୍ୟରୁ ଗୋଟିଏ ମାତ୍ର ଗ୍ରହରେ ଜୀବସତ୍ତା ସମ୍ଭବ ହୋଇପାରିଛି । ସେଇଟି ହେଉଛି ପୃଥିବୀ (Earth) । ଏ ଗ୍ରହର ସ୍ଥାନଟି ହେଉଛି ତୃତୀୟ ଅର୍ଥାତ୍ ସୂର୍ଯ୍ୟଠାରୁ ଦୁଇଟି ଗ୍ରହ ବୁଧ ଓ ଶୁକ୍ର ପରେ ହିଁ ଏହାର ଅବସ୍ଥିତି । ଅନ୍ୟ ଗ୍ରହମାନଙ୍କ ତୁଳନାରେ ପୃଥିବୀର ସ୍ଥାନ ମଧ୍ୟ ସ୍ୱତନ୍ତ୍ର । ଏଠାରେ ବାୟୁ, ଜଳ, ମୃତ୍ତିକା, ପାହାଡ଼, ପର୍ବତ, ନଦନଦୀ, ଝରଣା, ଉଷ୍ଣ ପ୍ରସ୍ରବଣ ପରି ନିର୍ଜୀବ ସତ୍ତା ସହ ଭରି ରହିଛନ୍ତି ନୀରବ ନିଶ୍ଚଳ ବୃକ୍ଷରାଜି ଓ ଚଳପ୍ରଚଳ ପ୍ରାଣୀମାନେ । ପୃଥିବୀ ପରି ଗ୍ରହକୁ ଏ ବୃକ୍ଷରାଜି ଓ ପ୍ରାଣୀ ସମୂହ କରିଛନ୍ତି ଜୀବନ୍ତ । ମଙ୍ଗଳ ଗ୍ରହ ପାଇଁ ବୈଜ୍ଞାନିକଗଣ ଚେଷ୍ଟା ଅବ୍ୟାହତ ରଖିଛନ୍ତି, କିପରି ସେଠାରେ ଜୀବନ ସମ୍ଭବ ହୋଇପାରିବ ବୋଲି । ସେଥିପାଇଁ ପୃଥିବୀ ପରି ଗ୍ରହ ଉପରେ ଆମେ ଜନ୍ମ ନେଇ ସତରେ ବଡ଼ ଗର୍ବିତ ହେବା କଥା । ବଣ ଜଙ୍ଗଲ ଓ ଜୀବଜନ୍ତୁମାନଙ୍କ ସମାହାର ଯୋଗୁ ହିଁ ପୃଥିବୀ ସତରେ ବଡ଼ ସୁନ୍ଦର । ବଣ ଜଙ୍ଗଲରେ ବୃକ୍ଷଗୁଡ଼ିକ ସ୍ଥିରାବସ୍ଥାରେ ଠିଆ ହୋଇଥିବା ବେଳେ ତା'ର ଆଢୁଆଳରେ ଲୁଚିଛପି ବୁଲାବୁଲି କରିବାରେ ବ୍ୟସ୍ତ ରହିଥାଆନ୍ତି ପ୍ରାଣୀମାନେ । ଅର୍ଥାତ୍ ପୃଥିବୀର ବଣଜଙ୍ଗଲ ହିଁ ପ୍ରାଣୀମାନଙ୍କର ଘର ବା ଆବାସସ୍ଥଳୀ । ବିବର୍ତ୍ତନ କ୍ରମରେ ଜଳଭାଗର ସୃଷ୍ଟି ପରେ ଜଳରେ ଉଦ୍ଭିଦ, ତା' ପରେ ପରେ ଜଳଭାଗରେ ପ୍ରାଣୀ ଓ ଶେଷରେ ସ୍ଥଳ ଭାଗରେ ବିଭିନ୍ନ ପ୍ରକାର ପ୍ରାଣୀ ଆବିର୍ଭାବ ବା ସୃଷ୍ଟି ହୋଇଛନ୍ତି । ଏଥିପାଇଁ ଲାଗିଛି ହଜାର ହଜାର ବର୍ଷ ସମୟ । ଏ ଜୀବନଗୁଡ଼ିକ ସମ୍ଭବର କାରଣ ହିଁ ଜଳ ।

ପୃଥିବୀ ଓ ବନ୍ୟପ୍ରାଣୀର ସ୍ଥିତି

ବିବର୍ତ୍ତନ ସୋପାନରେ ମଣିଷ ଆଜି ଉଚ୍ଚରେ । ସେ ଏକ ବୁଦ୍ଧିମାନ ଶ୍ରେଷ୍ଠ ସାମାଜିକ ପ୍ରାଣୀ ହିସାବରେ ବିବେଚିତ । ଧୀରେ ଧୀରେ ଏ ଅବିବେକୀ ମଣିଷ ତା' ଚତୁଃପାର୍ଶ୍ୱରେ ରହିଥିବା ପ୍ରାଣୀମାନଙ୍କ ଉପରେ ଆଖି ପକାଇଲା । ଲୋଭରେ ଜୀବମାନଙ୍କୁ

ମାରିଲା, ଶିକାର କଲା ଓ ମାଂସ ଖାଇଲା । ପରେ ପରେ ଜୀବମାନଙ୍କର ଶରୀରର ବିଭିନ୍ନ ଅଂଶକୁ କେତେକ କାର୍ଯ୍ୟରେ ଲଗାଇବା ସହ ସେଗୁଡ଼ିକୁ ବିକ୍ରି କରିବାକୁ ପଛାଇଲା ନାହିଁ । ଶେଷରେ ଚମଡ଼ା, ହାଡ଼ ଓ ଶିଙ୍ଗ ଆଦି ମୂଲ୍ୟବାନ ପଦାର୍ଥଗୁଡ଼ିକ ବିଦେଶକୁ ଚାଲାଣ କରି ବେଶ ଦି'ପଇସା ରୋଜଗାରରେ ଲାଗି ପଡ଼ିଲା । ଲୋଭ ଅତ୍ୟଧିକ ହେତୁ ହତ୍ୟାକରି, ଗୁଳିକରି ଏବଂ ବିଭିନ୍ନ କୌଶଳରେ କବଳିତ କରି ଜୀବମାନଙ୍କୁ ଶିକାର କରିବାରେ ଲାଗିପଡ଼ିଲା ଏ ମଣିଷ । ଶିକାରୀମାନଙ୍କର ଅହେତୁକ ଶିକାର ପ୍ରକ୍ରିୟା ଓ ଶିକାର ପ୍ରିୟତା ତଥା ବିଚାରହୀନ ଯଥେଚ୍ଛା ହତ୍ୟା ଫଳରେ ଭାରତୀୟ ବନ୍ୟଭୂମିରୁ ବହୁବିଧ ବନ୍ୟଜନ୍ତୁ ସବଂଶ ଲୋପ ପାଇବାକୁ ବସିଲେଣି । ତା' ମଧ୍ୟରୁ କେତେକ ଅର୍ଥାତ୍ ଚିତାବାଘ ଓ ଡୋଡୋପକ୍ଷୀ ସମ୍ପୂର୍ଣ୍ଣ ଲୁପ୍ତ ହେବାବେଳେ ଆଉ କେତେକ ଦିନ ଗଣୁଛନ୍ତି କେତେବେଳେ ଉଭାନ ହୋଇଯିବେ ବୋଲି । ଶିକାର ଏପରି ଅବ୍ୟାହତ ରହିଲେ ସମସ୍ତ ପ୍ରାଣୀ ଏମିତି ଲୁପ୍ତ ହୋଇଯିବେ । ଆମେ କେବଳ ଏ ଜୀବଜନ୍ତୁଗୁଡ଼ିକୁ ବୋଧହୁଏ ଦେଖିବାକୁ ପାଇବା ବହିର ଛବିରେ । ବଡ଼ ଦୁଃଖ ଓ ପରିତାପର ବିଷୟ ଯେ ଯେତିକି ପ୍ରାଣୀ ଆଦି ବଂଚି ରହିଛନ୍ତି ସେମାନେ ବଂଚିବାକୁ ସଂଗ୍ରାମ କରିବା ସମୟରେ ମଣିଷ ତାଙ୍କ ଉପରେ ଲୋଲୁପ ଦୃଷ୍ଟି ପକାଇ ଅତ୍ୟାଚାର କରିବାରେ ଲାଗିପଡ଼ିଛି । ଆଉ ଏ ସଂଗ୍ରାମରେ ପ୍ରାଣୀମାନେ ତିଷ୍ଠିବେ ବା କିପରି ? ମଣିଷ ଭୁଲିଯାଉଛି ଓ ଭୁଲି ଯାଉଛି ଯେ ଅନ୍ୟ ଉଦ୍ଭିଦ ଓ ପ୍ରାଣୀମାନଙ୍କ ପରି ମଣିଷ ମଧ୍ୟ ଏକ ପ୍ରାଣୀ । ଅନ୍ୟ ଜୀବନ ଏ ପୃଥିବୀରୁ ଲୋପ ପାଇଲେ ସେ ଏ ଗ୍ରହରେ ତିଷ୍ଠିବା

Click Here & Upgrade
Expanded Features
Unlimited Pages
PDF Complete

ଅସମ୍ଭବ । ଏ ଗ୍ରହ ଓ ଏ ଗ୍ରହ ଉପରେ ସୃଷ୍ଟ ଜୀବନକୁ ଲାଗିଛି ହଜାର ହଜାର ବର୍ଷ । ଅଳ୍ପ କିଛି ବର୍ଷ ମଧ୍ୟରେ ପ୍ରାଣୀ ଓ ଉଦ୍ଭିଦ ଲୋପ ପାଇଗଲେ ମଣିଷ ବି ନିଶ୍ଚିତ ଲୋପ ପାଇଯିବ, ଏଥିରେ ଦ୍ୱିମତ ନାହିଁ । ତେଣୁ ଆମେ ସମସ୍ତେ ବେଳ ହୁଁ ସାବଧାନ ହେବା ।

ମାନବ ସେବାରେ ବନ୍ୟଜନ୍ତୁ

ବଣ ଜଙ୍ଗଲ ପରି ପ୍ରାକୃତିକ ପରିବେଶରେ ରହୁଥିବା ପ୍ରାଣୀମାନେ ହିଁ ବନ୍ୟପ୍ରାଣୀ (Wildlife) ବା ବନ୍ୟଜନ୍ତୁ ବା ବନ୍ୟଜୀବନ । ଅର୍ଥାତ୍ ଭିନ୍ନ ଭାଷାରେ କହିବାକୁ ଗଲେ ଯେଉଁ ପ୍ରାଣୀମାନେ ଗୃହପାଳିତ ନୁହଁନ୍ତି ବା ଗୃହ ବା ଆବଦ୍ଧ ଅବସ୍ଥାରେ ପାଳିବା ଅସମ୍ଭବ ବା କଷ୍ଟ ସେମାନେ ହିଁ ବନ୍ୟପ୍ରାଣୀ । କିନ୍ତୁ କାଳକ୍ରମେ ମଣିଷ ତା'ର ସୁବିଧା ପାଇଁ କେତେକ ପ୍ରାଣୀକୁ ନିଜେ ନିଜର କବଳକୁ ଆଣି ପୋଷା ମନାଇ ଅନେକ କାର୍ଯ୍ୟରେ ଲଗାଇବା ସମ୍ଭବ ହୋଇପାରିଛି । ଯେଉଁ ପ୍ରାଣୀଗୁଡ଼ିକୁ ଏପରି ପାଳନ କରାଯାଏ, ସେମାନେ ହେଲେ ଗୃହପାଳିତ ଜନ୍ତୁ । ମାନବ ସମାଜର ଅର୍ଥନୈତିକ ବିକାଶ (Economic Development) ନିମିତ୍ତ ଦ୍ରୁମଲତାପୂର୍ଣ୍ଣ ବନଭୂମିର ମହତ୍ତ୍ୱ ଅନେକ । ବହୁ ମୂଲ୍ୟବାନ ପ୍ରାକୃତିକ ସମ୍ପଦ ଏହି ବନଭୂମିର ଦ୍ରୁମଲତାପୂର୍ଣ୍ଣ ବନ ମଧ୍ୟରେ ଥିବା ଅସଂଖ୍ୟ ବନ୍ୟଜନ୍ତୁଙ୍କର ବିଭିନ୍ନ ଅଙ୍ଗ ମନୁଷ୍ୟର ଔଷଧାଦି ପ୍ରସ୍ତୁତିରେ ବିଶେଷ ଭାବରେ ବ୍ୟବହୃତ ହୁଏ ।

କେତେକ ଶ୍ରେଣୀର ବନ୍ୟଜନ୍ତୁ ବୈଜ୍ଞାନିକମାନଙ୍କର ଗବେଷଣାଗାରରେ ଆବଶ୍ୟକ ହୁଅନ୍ତି ପରୀକ୍ଷାନିରୀକ୍ଷା ପାଇଁ । ଏମାନଙ୍କୁ ନେଇ ଗବେଷଣା କରିବା ଫଳରେ ଗବେଷଣା ଲବ୍ଧ ଜ୍ଞାନ ହିଁ ମାନବ ସମାଜର କାର୍ଯ୍ୟରେ ଲାଗିପାରିବା ସମ୍ଭବ ହୋଇପାରିଛି । କୁକୁରମାନଙ୍କୁ ଚୋର, ତସ୍କର ଓ ଖୁନୀମାନଙ୍କୁ ଧରିବାରେ ନିୟୋଜିତ କରାଯାଇପାରୁଛି । ହାତୀମାନଙ୍କୁ ଶିକାରୀମାନେ ଧରିବାରେ ଶିକ୍ଷା ପ୍ରଦାନ କରାଯାଇ କାର୍ଯ୍ୟରେ ଲଗାଯିବା ସମ୍ଭବ ହେଉଛି । ଚିଡ଼ିଆଖାନା, ପାର୍କ, ଅଭୟାରଣ୍ୟ (Sanctuary), ଜାତୀୟ ଉଦ୍ୟାନ (National Park), ଜୀବ ଉଦ୍ୟାନ (Zoological Park) ଓ ଜୈବମଣ୍ଡଳ (Biosphere Reserve) ପରି ସଂରକ୍ଷିତ ସ୍ଥାନରେ ପ୍ରାଣୀମାନଙ୍କୁ ରଖାଯିବା ଫଳରେ ଅନେକ ପିଲା ଓ ମଣିଷ ସେମାନଙ୍କୁ ଦେଖି ଖୁସି ହୋଇଥାଆନ୍ତି । ସର୍କସରେ ଅଦ୍ଭୁତ ଖେଳ ଓ କୌଶଳ ଦେଖାଉଥିବା ହାତୀ, ବାଘ, ସିଂହ, ଗଣ୍ଡା, ଜଳହସ୍ତୀ, କୁକୁର, ମାଙ୍କଡ଼ ଓ ଅନେକ କିସମର ପକ୍ଷୀମାନଙ୍କ କଥା କହିଲେ ନ ସରେ । କିଏ ବା ଏମାନଙ୍କ ଖେଳକୁ ଉପଭୋଗ ନକରନ୍ତି ! ଘରେ ପାଳୁଥିବା ପଶୁପକ୍ଷୀ ଆମକୁ ପ୍ରତ୍ୟେକ ଦିନ ଆମୋଦପ୍ରମୋଦରେ ସାହାଯ୍ୟ କରନ୍ତି । ତାଙ୍କର ଉପକାର ସତରେ ଅନେକ !

ବନ୍ୟଜନ୍ତୁ ହ୍ରାସ ଓ ଲୋପର କାରଣ

ବନ୍ୟଜନ୍ତୁ ପରିବେଶର ସନ୍ତୁଳନରେ ସହାୟକ ହେବା ସହ ମଣିଷ ପ୍ରତି ସେମାନଙ୍କର ସାହାଯ୍ୟ ଅନେକ । ଏତେ ଉପକାର ପାଇ ମଧ୍ୟ ନିର୍ଦ୍ଦୟ ନିଷ୍ଠୁର ମଣିଷ ହିଁ ଏମାନଙ୍କ ସଂଖ୍ୟା ହ୍ରାସ ପାଇଁ ସମ୍ପୂର୍ଣ୍ଣ ଦାୟୀ । ତେବେ ଯେଉଁ ମନୁଷ୍ୟକୃତ କାର୍ଯ୍ୟ ଯୋଗୁଁ ବନ୍ୟଜୀବନ ବିପନ୍ନ ତା'ର କାରଣଗୁଡ଼ିକ ହେଉଛି -

୧. ଜଙ୍ଗଲ କ୍ଷୟ (Deforestation)

୨. ସହରାଞ୍ଚଳ ପ୍ରତିଷ୍ଠା (Urbanisation)

୩. କଳକାରଖାନା ପ୍ରତିଷ୍ଠା (Industrialisation)

୪. ରାସ୍ତାଘାଟ ଓ ବନ୍ଧବାଡ଼ ନିର୍ମାଣ (Road and Dam Construction)

୫. ପ୍ରାଣୀମାନଙ୍କୁ ଶିକାର (Hunting and Poaching of Animals)

ବନ୍ୟପ୍ରାଣୀ ସଂରକ୍ଷଣ ଓ ପଦକ୍ଷେପ

ବନ୍ୟପ୍ରାଣୀ ହିଁ ଆମର ଏକ ମୁଖ୍ୟ ପ୍ରାକୃତିକ ସମ୍ପଦ (Natural Resource) । ସେମାନଙ୍କର ହ୍ରାସ ହିଁ ପ୍ରାକୃତିକ ସମ୍ପଦର କ୍ଷୟ । ବନ୍ୟଜନ୍ତୁଙ୍କର ହ୍ରାସ ପାଇବା ଉପଲବ୍ଧି କଲାପରେ ସରକାର ହିଁ ଏ ଜୀବମାନଙ୍କର ସୁରକ୍ଷା ଓ ଅଭିବୃଦ୍ଧି ତଥା ସଂଖ୍ୟାବୃଦ୍ଧି ଦିଗରେ ଧ୍ୟାନ ଦେବା ଆରମ୍ଭ କରିଛନ୍ତି । ସେଥିପାଇଁ ପ୍ରତ୍ୟେକ ବର୍ଷ ଅକ୍ଟୋବର ମାସର ପ୍ରଥମ ସପ୍ତାହ ଅର୍ଥାତ୍ ଅକ୍ଟୋବର ଦୁଇରୁ ସାତ ପର୍ଯ୍ୟନ୍ତ ଏକ ସପ୍ତାହ ଧରି ବନ୍ୟପ୍ରାଣୀ ସପ୍ତାହ (Wildlife Week) ଓଡ଼ିଶା ସମେତ ସମଗ୍ର ଭାରତବର୍ଷରେ ପାଳନ କରାଯାଏ । ଅହିଂସାର ପୂଜାରୀ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କର ଜନ୍ମ ଦିନ ଅକ୍ଟୋବର ୨ ତାରିଖରୁ ହିଁ ଏ ସପ୍ତାହ ପାଳନର ଶୁଭାରମ୍ଭ ହୋଇଥାଏ । ୧୯୫୫ ମସିହାରୁ ଏ ସପ୍ତାହ ପ୍ରତ୍ୟେକ ବର୍ଷ ସାରା ଦେଶରେ ପାଳିତ ହୋଇ ଆସୁଛି । ବନ୍ୟଜନ୍ତୁ ସଂରକ୍ଷଣ ନିମିତ୍ତ ଭାରତବର୍ଷରେ ତଥା ଓଡ଼ିଶାରେ ବହୁ ଅଭୟାରଣ୍ୟରେ ବ୍ୟବସ୍ଥା କରାଯାଇଛି । କେନ୍ଦ୍ର ସରକାର ଏଥିପାଇଁ ଏକ ସଂଗଠନ (The Indian Board for Wildlife) ପ୍ରତିଷ୍ଠା କରିଛନ୍ତି । ଭାରତର ବିଭିନ୍ନ ରାଜ୍ୟରେ ଅଭୟାରଣ୍ୟ, ଜୀବଉଦ୍ୟାନ, ପାର୍କ ଓ ଚିଡ଼ିଆଖାନା (Zoo) ଆଦି ପ୍ରତିଷ୍ଠା କରି ସେଠାରେ ପ୍ରାଣୀମାନଙ୍କୁ ଭଲଭାବରେ ସୁରକ୍ଷା ଦେବା ସହ ପ୍ରଜନନ ଦିଗରେ ବିହିତ ପଦକ୍ଷେପ ନିଆଯାଉଛି । ବନ୍ୟପ୍ରାଣୀ ସପ୍ତାହ ପାଳନର ମୁଖ୍ୟ ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ହେଉଛି -

୧. ପିଲା ଓ ସାଧାରଣ ଲୋକମାନଙ୍କ ମନରେ ଜୀବମାନଙ୍କ ପ୍ରତି ଶ୍ରଦ୍ଧା ଓ ସ୍ନେହ ମନୋଭାବ ଉଦ୍ରେକ କରିବା,

Click Here & Upgrade
Expanded Features
Unlimited Pages
PDF Complete

୨. ସେମାନଙ୍କୁ ନ ମାରି ବଂଚାଇ ରଖିବା,

୩. ପ୍ରାଣୀମାନଙ୍କୁ ସୁରକ୍ଷା ଦେବା ସହ ତାଙ୍କ ବଂଶବୃଦ୍ଧିରେ ସହାୟକ ହେବା,

୪. ଜୀବମାନଙ୍କ ପ୍ରତି ନିଷ୍ଠୁରତା ପ୍ରକାଶ ନ କରିବା,

୫. ସେମାନଙ୍କୁ ଶିକାର ନ କରି, ସେମାନଙ୍କ ମାଂସ ନଖାଇ ତାଙ୍କ ଶରୀରର ଅନ୍ୟାନ୍ୟ ଅଙ୍ଗପ୍ରତ୍ୟଙ୍ଗ ଆଦିକୁ ବ୍ୟବହାର ନ କରିବା,

୬. ସେମାନେ ରହୁଥିବା ଆବାସସ୍ଥଳୀ ଅର୍ଥାତ୍ ଜଙ୍ଗଲ ଆଦିକୁ ନଷ୍ଟ ନକରି ଜଙ୍ଗଲକୁ ସୁରକ୍ଷା ପ୍ରଦାନ କରିବା,

୭. ସେମାନଙ୍କ ସଂରକ୍ଷଣ ଦିଗରେ ସଚେତନ ହୋଇ ଅନ୍ୟ ସମସ୍ତଙ୍କୁ ସଚେତନ କରାଇବା ଦିଗରେ ଆଗେଇ ଆସିବା ।

ଓଡ଼ିଶା ଓ ଓଡ଼ିଶାର ବନ୍ୟପ୍ରାଣୀ

ଓଡ଼ିଶାରେ ବହୁବିଧ ବନ୍ୟପ୍ରାଣୀ ପୁରି ରହିଛନ୍ତି । ସେମାନେ ମଧ୍ୟ ବେଶ୍ ସୁରକ୍ଷିତ । ସେମାନଙ୍କର ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ସୁରକ୍ଷା ନିମିତ୍ତ ଆମ ରାଜ୍ୟରେ ରହିଛି ଅନେକ ପ୍ରାଣୀ ସଂରକ୍ଷିତ ସ୍ଥାନ । କହିବାକୁ ଗଲେ ରାଜ୍ୟର ବିଭିନ୍ନ ସ୍ଥାନରେ ବିଭିନ୍ନ ପ୍ରାଣୀମାନଙ୍କର ସଂରକ୍ଷିତ ସ୍ଥାନ ଯୋଗାଇଛି ସେମାନଙ୍କୁ ସୁରକ୍ଷା । ସେଥିମଧ୍ୟରୁ ମୁଖ୍ୟ କେତେକ ସଂରକ୍ଷିତ ସ୍ଥାନ ହେଉଛି ଭୁବନେଶ୍ୱରର ନନ୍ଦନକାନନ, ଚିଲିକା, ଚନ୍ଦକା ହାତୀ ଅଭୟାରଣ୍ୟ, କୋଣାର୍କ ବାଲୁଖଣ୍ଡ ଅଭୟରାଣ୍ୟ, ହଦଗଡ଼, ଭିତରକନିକା, ଗହୀରମଥା, କେତେକ ସ୍ଥାନର ହରିଣପାର୍କ, ସାତପଡ଼ା ଏବଂ ମୟୂରଭଞ୍ଜର ଶିମିଳିପାଳ ଜୈବମଣ୍ଡଳ (Biosphere Reserve) । ଏସବୁଛଡ଼ା ଜନସାଧାରଣଙ୍କୁ ଅବଗତ ଓ ସଚେତନ କରାଇବା ପାଇଁ ରାଜଧାନୀ ଭୁବନେଶ୍ୱରରେ ପ୍ରତିଷ୍ଠା କରାଯାଇଛି ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର (Regional Science Centre), କ୍ଷେତ୍ରୀୟ ପ୍ରାକୃତିକ ବିଜ୍ଞାନ ସଂଗ୍ରହାଳୟ (Regional Museum of Natural History) ଓ ରାଜ୍ୟ ସଂଗ୍ରହାଳୟ (State Museum) । ଏ ଅନୁଷ୍ଠାନଗୁଡ଼ିକ ପ୍ରାଣୀମାନଙ୍କ ସମ୍ବନ୍ଧରେ ବୁଝାଇବା ସହ, ସେମାନଙ୍କ ସଂରକ୍ଷଣ ଦିଗରେ ନେଉଥିବା ପଦକ୍ଷେପ ବେଶ୍ ପ୍ରଶଂସନୀୟ ।

ପ୍ରାଣୀ ସୁରକ୍ଷା, ସଂରକ୍ଷଣ ଓ ସଂଖ୍ୟା ବୃଦ୍ଧି ନିମିତ୍ତ ଓଡ଼ିଶା ତଥା ଭାରତ ଏବଂ ସମଗ୍ର ବିଶ୍ୱରେ ବିଭିନ୍ନ ଦିବସ ପାଳିତ ହୋଇଥାଏ (ସାରଣୀ-୧) ।

ସାରଣୀ-୧ : ପ୍ରାଣୀ ସୁରକ୍ଷା ନିମିତ୍ତ ପାଳିତ ଦିବସ

କ୍ରମିକ ସଂଖ୍ୟା	ମାସ ଓ ତାରିଖ	ପାଳିତ ଦିବସର ନାମ
୧.	ଫେବୃଆରୀ-୨	ବିଶ୍ୱ ଜଳୀୟ ବା କର୍ଦ୍ଦମାକ୍ତ ଦିବସ (World Wetland Day)
୨.	ମାର୍ଚ୍ଚ-୨୧	ବିଶ୍ୱ ଜଙ୍ଗଲ ଦିବସ (World Forestry Day)
୩.	ଏପ୍ରିଲ-୨୨	ବିଶ୍ୱ ଧରିତ୍ରୀ ଦିବସ (World Earth Day)
୪.	ଜୁନ୍-୫	ବିଶ୍ୱ ପରିବେଶ ଦିବସ (World Environment Day)
୫.	ଜୁନ୍-୮	ବିଶ୍ୱ ମହାସାଗର ଦିବସ (World Ocean Day)
୬.	ସେପ୍ଟେମ୍ବର-୨	ବିଶ୍ୱ ନାରିକେଳ ଦିବସ (World Coconut Day)
୭.	ଅକ୍ଟୋବର-୨-୭	ବନ୍ୟପ୍ରାଣୀ ସପ୍ତାହ (Wildlife Week)
୮.	ଅକ୍ଟୋବର ପ୍ରଥମ ସୋମବାର	ବିଶ୍ୱ ବସତି ଦିବସ (World Habitat Day)
୯.	ଅକ୍ଟୋବର-୬-୭	ବିଶ୍ୱ ବିହଙ୍ଗ ପର୍ଯ୍ୟବେକ୍ଷଣ ଦିବସ (World Bird Watchers Day)
୧୦.	ନଭେମ୍ବର-୨୧	ବିଶ୍ୱ ମତ୍ସ୍ୟ ସଂପଦ ଦିବସ (World Fisheries Day)
୧୧.	ନଭେମ୍ବର-୨୪	ବିଶ୍ୱ ଜୈବବିବିଧତା ସଂରକ୍ଷଣ ଦିବସ (World Biodiversity Conservation Day)
୧୨.	ଡିସେମ୍ବର-୩	ବିଶ୍ୱ ସଂରକ୍ଷଣ ଦିବସ (World Conservation Day)

ପ୍ରାଣୀ ସୁରକ୍ଷାର ମୁଖ୍ୟ ଜିନିଷ ହେଉଛି ଜଙ୍ଗଲ (Forest ଅର୍ଥାତ୍ F-Food, O-Oxygen, R-Rain, E-Environment, S-Soil ଓ T-Timber or Tree) ସୁରକ୍ଷା । ଜଙ୍ଗଲ ଭଲ ରହିଲେ ପ୍ରାଣୀ ସୁରକ୍ଷା ନିଶ୍ଚିତ ।

ବନ୍ୟପ୍ରାଣୀ ଓ ଭବିଷ୍ୟତ

'ଜୀବେ ଦୟା' ଆମ ସଂସ୍କୃତିର ଏକ ଚିରନ୍ତନ ମୂଲ୍ୟବୋଧ । ବଣ ଜଙ୍ଗଲ ଓ ବିଭିନ୍ନ ପ୍ରାକୃତିକ ପରିବେଶରେ ରହୁଥିବା ପ୍ରାଣୀ ଓ ଉଦ୍ଭିଦମାନଙ୍କ ସୁରକ୍ଷା ବନ୍ୟଜୀବ ସପ୍ତାହ ପାଳନର ଉଦ୍ଦେଶ୍ୟ । ବନ୍ୟଜୀବଙ୍କର ସୁରକ୍ଷା ହିଁ ସେମାନଙ୍କ ଆବାସସ୍ଥଳୀର ସଂରକ୍ଷଣ ସହିତ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ । ଲକ୍ଷ ଲକ୍ଷ ବର୍ଷର ବିବର୍ତ୍ତନ ଫଳରେ ଜୀବଜଗତ ବିକଶିତ ହୋଇଛି ଓ ସୃଷ୍ଟି ହୋଇଛି ଏଥିରେ ଜୀବ ବିବିଧତା (Biodiversity) । ମଣିଷର ସ୍ଥିତି ଓ ସମୃଦ୍ଧି ପାଇଁ ପ୍ରାକୃତିକ ପରିବେଶ, ବିଭିନ୍ନ ପ୍ରାକୃତିକ ପ୍ରକ୍ରିୟା ତଥା ଜୀବଜଗତର ବ୍ୟାପ୍ତି ଓ ବିବିଧତା ବଜାୟ ରହିବା ବାଞ୍ଛନୀୟ । ଆମ ସମ୍ବିଧାନରେ ବନ୍ୟଜୀବଙ୍କ ସୁରକ୍ଷାର ଦାୟିତ୍ୱ ରାଜ୍ୟ ସରକାରଙ୍କ ଉପରେ ନ୍ୟସ୍ତ କରାଯାଇଛି । ସେଥିପାଇଁ ରାଜ୍ୟରେ ୧୯୭୪ ମସିହାରୁ ବନ୍ୟଜୀବ ଆଇନ୍ (Wildlife Protection Act)କୁ କାର୍ଯ୍ୟକାରୀ କରାଯାଇଛି । ବନ୍ୟଜୀବ ସେମାନଙ୍କ ଆବାସସ୍ଥଳୀ ଓ ପ୍ରାକୃତିକ ଜୈବ ବିବିଧତାର ସଂରକ୍ଷଣ ପାଇଁ ଆମର ଚିନ୍ତା, ଚେତନା ଓ କାର୍ଯ୍ୟଧାରାରେ ଯେଉଁସବୁ ପରିବର୍ତ୍ତନର ଆବଶ୍ୟକତା ଅଛି, ତାହା ଉପରେ ଆମେ ସମସ୍ତେ

Click Here & Upgrade
Expanded Features
Unlimited Pages
PDF Complete

ସମ୍ୟକ ଆଲୋକପାତ କଲେ ଏ ଜୀବଜୀବନ ସୁରକ୍ଷିତ ହେବା ସହ ଉଦ୍ଦେଶ୍ୟ ସାଧିତ ହେବ ।

ଆମେ ସମସ୍ତେ ବେଳହୁଁ ସାବଧାନ ହେବା ପରି ଉଚିତ୍ ପଥ ଓ ସଠିକ୍ ନିୟମ ପାଳନ ନକଲେ ଅନେକ ପ୍ରାଣୀ ନିଶ୍ଚିହ୍ନ ହେବା ପରି ଆମ ପ୍ରାକୃତିକ ପରିବେଶରୁ ଦିନକୁ ଦିନ ବନ୍ୟଜୀବନ କ୍ଷୟ ହୋଇ ହୋଇ ଶେଷରେ ସମସ୍ତେ ଲୋପ ପାଇଯିବେ । ମଣିଷ ଭୁଲିଯାଉଛି ଯେ ସେ ଅନ୍ୟମାନଙ୍କୁ ଲୋପ କରିଦେଲେ ସେ ନିଶ୍ଚୟ ଲୋପ ପାଇଯିବ ବୋଲି । ତେଣୁ ଆମେ ସମସ୍ତେ ଏକାଠି ହୋଇ ବନ୍ୟଜୀବନ, ବନ୍ୟପ୍ରାଣୀ ଓ ବନ୍ୟ ଉଦ୍ଭିଦଗୁଡ଼ିକୁ ଆମର ପ୍ରାକୃତିକ ସମ୍ପଦ ଭାବରେ ଚିନ୍ତାକରି ସୁରକ୍ଷା ପ୍ରଦାନ କରିବା ସହ ଏମାନଙ୍କର ସଂରକ୍ଷଣ ଓ ଅଭିବୃଦ୍ଧି ଦିଗରେ ଚେଷ୍ଟିତ ହେବା, ତା' ଫଳରେ ଭଲରେ ଆମ ଚାରିପଟେ ଆମ ପ୍ରାଣୀମାନେ ବଂଚି ରହିବା ସହ ଆମେ ମଧ୍ୟ ଭଲରେ ରହିବାନି କାହିଁକି ?

ସ୍ନାତକୋତ୍ତର ପ୍ରାଣୀ ବିଜ୍ଞାନ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀ ବିହାର
ଭୁବନେଶ୍ୱର - ୭୫୧୦୦୪

ଦଳଗତ ପ୍ରଚେଷ୍ଟାର ଫଳ ମିଳିଲା : ମାଛ ଚାଷରୁ ଗାଈ ପାଳନ (ସଫଳ କାହାଣୀ)

ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍ ଶିଶୁ ବିକାଶ ପ୍ରକଳ୍ପ ଅନ୍ତର୍ଗତ କୁରୁମପୁରୀ ଏକ ଗ୍ରାମ । ଏହି ଗ୍ରାମରେ ମହିଳା ଓ ଶିଶୁମାନଙ୍କର କଲ୍ୟାଣ ପାଇଁ ଅଙ୍ଗନୱାଡ଼ି କେନ୍ଦ୍ର କାର୍ଯ୍ୟ କରୁଅଛି । ସରକାରଙ୍କ ମିଶନ ଶକ୍ତି ଯୋଜନା କାର୍ଯ୍ୟକ୍ରମରେ ଗ୍ରାମୀଣ ମହିଳାମାନଙ୍କର ସାମାଜିକ ଓ ଅର୍ଥନୈତିକ ଉନ୍ନତି ପ୍ରତି ଧ୍ୟାନ ଦେଇ ସଂପୃକ୍ତ ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗ୍ରାମର ୧୫ ଜଣ ମହିଳାଙ୍କୁ ନେଇ ଗତ ୨୦୦୨ ମସିହା ସେପ୍ଟେମ୍ବର ମାସରେ ମା' ସରସ୍ୱତୀ ସ୍ୱୟଂ ସହାୟକ ଦଳ ଗଠନ କରାଗଲା ଏବଂ ଦଳର କାର୍ଯ୍ୟକ୍ରମ ଉପରେ ମହିଳାମାନଙ୍କୁ ଆଲୋଚନାଚକ୍ର ମାଧ୍ୟମରେ ବିଶଦ ଭାବେ ଅଙ୍ଗନୱାଡ଼ି କର୍ମୀ ଓ ସି.ଡି.ପି.ଓ.ଙ୍କ ଦ୍ୱାରା ବୁଝାଇ ଦିଆଗଲା । ଏହି କାର୍ଯ୍ୟକ୍ରମରେ ମହିଳାମାନେ ଅନୁପ୍ରାଣୀତ ହୋଇ ପ୍ରାରମ୍ଭରେ ୧୫ ଟଙ୍କା ଲେଖାଏଁ ମାସିକ ସଭ୍ୟ ଚାନ୍ଦା ଆକାରରେ ସଂଗ୍ରହ କରି ନିଜ ଗ୍ରାମ ନିକଟସ୍ଥ କଳାହାଣ୍ଡି ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ ଲଖନା ଶାଖାରେ ଏକ ଜମାଖାତା ଖୋଲି ନିୟମିତ ପ୍ରତିମାସରେ ଟଙ୍କା ସଞ୍ଚୟ କଲେ ଓ କ୍ରମେ ଅଧିକ ସଞ୍ଚୟ ବୃଦ୍ଧି ଲକ୍ଷ୍ୟ ନେଇ ସଭ୍ୟଚାନ୍ଦା ବୃଦ୍ଧି କଲେ । ସଞ୍ଚୟ ଟଙ୍କା ନିଜ ନିଜ ମଧ୍ୟରେ ବ୍ୟାଙ୍କ ଜରିଆରେ ଆଦାନ ପ୍ରଦାନ କରି ବିଭିନ୍ନ ଆୟକାରୀ ଧନ୍ଦାରେ ବିନିଯୋଗ କରି ଅଧିକ ସଞ୍ଚୟ କଲେ । ଦଳର ଏପରି କାର୍ଯ୍ୟ ଦକ୍ଷତାକୁ ଲକ୍ଷ୍ୟକରି ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନତି କରାଗଲା ଏବଂ ଟ.୨୫,୦୦୦/- ଋଣ ଆକାରରେ ବ୍ୟାଙ୍କରୁ ସହାୟତା ପ୍ରଦାନ କରାଗଲା । ଏହି ଋଣ ସହାୟତା ଏବଂ ନିଜସ୍ୱ ସଞ୍ଚୟ ଟ.୧୧,୦୦୦/- ମିଶାଇ ଗତ ୨୦୦୩ ମସିହା ଏପ୍ରିଲ୍ ମାସରେ ସେମାନେ ନିଜ ଗ୍ରାମରେ ଥିବା ବଡ଼ପୋଖରୀକୁ ସମୂହ ଭାବେ ମାଛ ଚାଷ କରିବା ପାଇଁ ଗୋଟିଏ ବର୍ଷ ନିଲାମରେ ନେଲେ । ପ୍ରଥମ ବର୍ଷରେ ୭ ହଜାର ମାଛ ଜାଆଁଳା ଛାଡ଼ି ଏହାର ଉଚିତ ରକ୍ଷଣାବେକ୍ଷଣ କରି ପରବର୍ତ୍ତୀ ବର୍ଷ ୨୦୦୪ ମସିହାରେ ମାଛ ବିକ୍ରି କରି ସମସ୍ତ ଖର୍ଚ୍ଚ ଯାଇ ମୋଟ ୪୪,୦୦୦ ଟଙ୍କା ଲାଭ ପାଇ ପାରିଲେ ଏବଂ ବ୍ୟାଙ୍କରୁ ଆଣିଥିବା ଋଣ ପରିଶୋଧ କଲେ । ଯାହାଫଳରେ ଏହି ଦଳ ବ୍ୟାଙ୍କ ତଥା ସରକାରୀ ଅଧିକାରୀଙ୍କ ଅଧିକ ବିଶ୍ୱାସଭାଜନ ହୋଇପାରିଲେ ।

ପୁନଶ୍ଚ ପରବର୍ତ୍ତୀ ପର୍ଯ୍ୟାୟରେ ଏହି ଦଳକୁ ସ୍ୱର୍ଣ୍ଣ ଜୟନ୍ତୀ ଗ୍ରାମ ସ୍ୱରୋଜଗାର ଯୋଜନାର ଅନ୍ତର୍ଭୁକ୍ତ କରି ୩,୬୧,୦୦୦ ଟଙ୍କା ଗାଈ ପାଳନ ଏବଂ ମାଛ ଚାଷ ପାଇଁ ଋଣ ସହାୟତା ଯୋଗାଇ ଦିଆଗଲା । ଏହି ଆର୍ଥିକ ଋଣ ସହାୟତାରେ ସେମାନେ ସମୂହ ଭାବେ ୧୫ ଗୋଟି ଦୁଧିଆଳି ଗାଈ କିଣିଲେ । ଗାଈର ଉପଯୁକ୍ତ ରକ୍ଷଣାବେକ୍ଷଣ, ସେବା ଓ ଯତ୍ନ କରି ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ହାରାହାରି ୧୧୦ ଲିଟର ପର୍ଯ୍ୟନ୍ତ କ୍ଷୀର ନୂଆପଡ଼ା ଦୁଗ୍ଧ ସମବାୟ କେନ୍ଦ୍ରରେ ଲିଟର ପିଛା ୧୦ ଟଙ୍କା ଦରରେ ବିକ୍ରୟ କରି ଦୈନିକ ୧୧୦୦ ଟଙ୍କା ପର୍ଯ୍ୟନ୍ତ ଆୟ କରିପାରୁଛନ୍ତି । ଗାଈମାନଙ୍କର ଖାଦ୍ୟପେୟ ଓ ସେବା ଯତ୍ନ ଖର୍ଚ୍ଚ, ୨ ଜଣ ଜଗୁଆଳିଙ୍କର ମଜୁରୀ ଖର୍ଚ୍ଚ ଏବଂ ଋଣ କିସ୍ତି ଆଦି ସମସ୍ତ ଖର୍ଚ୍ଚ ବାଦ ପ୍ରତିମାସରେ ହାରାହାରି ୧୫,୦୦୦ ଟଙ୍କା ଲାଭ କରିପାରୁଛନ୍ତି । ସେହିପରି ଗ୍ରାମପୋଖରୀକୁ ଆଗାମୀ ୫ ବର୍ଷ ପାଇଁ ଲିଜ୍‌ରେ ନେଇ ମାଛ ଚାଷ କରୁଛନ୍ତି । ଏଥିସହିତ ଏହି ଦଳର ସଦସ୍ୟାମାନେ ନିଜେ ନିଜେ ବିଭିନ୍ନ ଆୟକାରୀ ଚାଷ ଯଥା- ପନିପରିବା, ପିଆଜ, ରସୁଣ ଆଦି ଚାଷ କରି ନିକଟସ୍ଥ ସାପ୍ତାହିକ ହାଟରେ ବିକ୍ରୟ କରି ବେଶ୍ ଦୁଇ ପଇସା ରୋଜଗାର କରିପାରୁଛନ୍ତି । ଏହିପରି ଭାବରେ ବର୍ତ୍ତମାନ ଉକ୍ତ ଦଳର ସଦସ୍ୟାମାନେ ନିଜ ପରିବାରର ମାସିକ ୧୫୦୦/- ଟଙ୍କା ପର୍ଯ୍ୟନ୍ତ ଆୟକରି ଜୀବିକା ନିର୍ବାହର ମାନଦଣ୍ଡ ଗତ ଦୁଇ ବର୍ଷ ହେଲା ବୃଦ୍ଧି କରିପାରିଛନ୍ତି । ଏଥିପୂର୍ବରୁ ସେମାନଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିଲା । ସଦସ୍ୟାମାନେ ସ୍ୱୟଂ ସହାୟକ ଗୋଷ୍ଠୀ ଯୋଜନା କାର୍ଯ୍ୟକ୍ରମରେ ସାମିଲ ହୋଇ ମିଳିତ ପ୍ରଚେଷ୍ଟା ଦ୍ୱାରା କିପରି ନିଜ ପରିବାର ଓ ଗ୍ରାମର ଉନ୍ନତି ସାଧିତ ହୋଇଥାଏ ସେ ସଂପର୍କରେ ବେଶ ଅବଗତ ହୋଇପାରିଛନ୍ତି । ବର୍ତ୍ତମାନ ଉକ୍ତ ଦଳ ମିଶନ ଶକ୍ତି କାର୍ଯ୍ୟକ୍ରମ ଯୋଜନା ଜରିଆରେ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପରେ ସକ୍ରିୟ ଭାବେ ସାମିଲ ହୋଇ ନିଜ ପରିବାର ତଥା ଗ୍ରାମର ସାମୂହିକ ବିକାଶ ଦିଗରେ ମହିଳାମାନେ ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବେଶ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେଇପାରିଛନ୍ତି । ନିଜ ପିଲାମାନଙ୍କୁ ନିୟମିତ ବିଦ୍ୟାଳୟକୁ ପାଠ ପଢ଼ାଇବା ପାଇଁ ପଠାଉଛନ୍ତି । ମା' ସରସ୍ୱତୀ ସ୍ୱୟଂସହାୟକ ଦଳର କାର୍ଯ୍ୟକ୍ରମ ପ୍ରତି ଆକୃଷ୍ଟ ହୋଇ ଗ୍ରାମର ଅନ୍ୟାନ୍ୟ ମହିଳାମାନେ ମିଳିତ ହୋଇ ସ୍ୱୟଂ ସହାୟକ ଦଳ ଗଠନ କରି ଆତ୍ମନିର୍ଭରଶୀଳ ହୋଇ ଅଧିକରୁ ଅଧିକ ସ୍ୱ-ଉପାର୍ଜନ କ୍ଷମ ହେବା ଦିଗରେ ଲାଗିପଡ଼ିଛନ୍ତି ।

ସୌଜନ୍ୟ : ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ, ନୂଆପଡ଼ା